# REGIONAL NEWS UNIT, AIR CUTTACK

## Mid-day Bulletin (2.32PM)

**16 July – 2025**

**News Editor : Tapan Kumar Moharana**

*********************************

## ମୁଖ୍ୟ ସମ୍ବାଦ

- ସ୍ୱଚ୍ଛ ଭାରତ ମିଶନ ଅଧୀନରେ ସହରାଞ୍ଚଳଗୁଡ଼ିକର ସ୍ୱଚ୍ଛ ସର୍ବେକ୍ଷଣ ପୁରସ୍କାର ଆସନ୍ତାକାଲି ପ୍ରଦାନ କରିବେ ରାଷ୍ଟ୍ରପତି

— ଗଞ୍ଜାମ ଜିଲ୍ଲାର ଆସିକା ଏନ୍‌ଏସି ସ୍ୱଚ୍ଛ ସହର ବର୍ଗରେ ହାସଲ କରିଛି ଶୀର୍ଷ ସ୍ଥାନ

- ଶ୍ରୀଗୁଣ୍ଡିଚା ମନ୍ଦିର ଦଳାଚକଟା ଘଟଣାରେ ଦ୍ୱିତୀୟ ଦିନରେ ଆଜି ପୁରୀଠାରେ ଚାଲିଛି ସାକ୍ଷ୍ୟଗ୍ରହଣ
- ଶ୍ରୀମନ୍ଦିରରେ ଶ୍ରୀବିଗ୍ରହମାନଙ୍କର ବନକ ଲାଗି ନୀତି ପାଇଁ ଆସନ୍ତାକାଲି ସନ୍ଧ୍ୟା ସାଢ଼େ ୬ଟାରୁ ୪ ଘଣ୍ଟା ବନ୍ଦ ରହିବ ସର୍ବସାଧାରଣ ଦର୍ଶନ
- "ସମ୍ମାନ କର, ଭୟ କର ନାହିଁ: ପ୍ରକୃତିର ନୀରବ ମୁରବୀଙ୍କୁ ସୁରକ୍ଷା ଦିଅ''ବାର୍ତ୍ତା ନେଇ ଆଜି ପାଳନ କରାଯାଉଛି ବିଶ୍ୱ ସର୍ପ ଦିବସ

ଏବଂ

- ଉତ୍ତର-ପଶ୍ଚିମ ବଙ୍ଗୋପସାଗରରେ ସୃଷ୍ଟ ଲଘୁଚାପ ପ୍ରଭାବରେ ଆସନ୍ତା ଶନିବାର ପର୍ଯ୍ୟନ୍ତ ରାଜ୍ୟର ବିଭିନ୍ନ ସ୍ଥାନରେ ମଧ୍ୟମରୁ ପ୍ରବଳ ବର୍ଷା ସମ୍ଭାବନା

## ସ୍ୱଚ୍ଛ ସର୍ବେକ୍ଷଣ

ନୂଆଦିଲ୍ଲୀରେ ଆସନ୍ତାକାଲି  ସ୍ୱଚ୍ଛ ସର୍ବେକ୍ଷଣ-୨୦୨୪-୨୫ ପୁରସ୍କାର ପ୍ରଦାନ ସମାରୋହ ଅନୁଷ୍ଠିତ ହେବ । ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଏଥିରେ ଯୋଗଦେଇ ପୁରସ୍କାର ପ୍ରଦାନ କରିବେ । ଏହି କାର୍ଯ୍ୟକ୍ରମରେ ସ୍ୱଚ୍ଛ ଭାରତ ମିଶନ– ସହରାଞ୍ଚଳକୁ ପ୍ରୋତ୍ସାହନ ପ୍ରଦାନ କରିବା ଲକ୍ଷ୍ୟ ନେଇ ସ୍ୱଚ୍ଛ ସହରଗୁଡ଼ିକୁ ସମ୍ମାନିତ କରାଯିବ।  ଚାରୋଟି ବର୍ଗରେ ଏହି ପୁରସ୍କାର ପ୍ରଦାନ କରାଯିବ। ସେଗୁଡ଼ିକ ମଧ୍ୟରେ ସୁପର ସ୍ୱଚ୍ଛ ଲିଗ୍ ସହର ଏବଂ ଜନସଂଖ୍ୟା ଆଧାରରେ ତିନୋଟି ଶୀର୍ଷ ସ୍ୱଚ୍ଛ ସହରକୁ ପୁରସ୍କାର ପ୍ରଦାନ କରାଯିବ।  ସହରାଞ୍ଚଳ ବ୍ୟାପାର ମନ୍ତ୍ରଣାଳୟର ସୂଚନା ଅନୁସାରେ, ଚଳିତ ବର୍ଷ ମୋଟ୍ ୭୮ଟି ପୁରସ୍କାର ପ୍ରଦାନ କରାଯିବ। ସ୍ୱଚ୍ଛ ସର୍ବେକ୍ଷଣ ୨୦୨୪-୨୫ ସହରାଞ୍ଚଳ ପରିମଳ ଏବଂ ସେବା ପ୍ରଦାନ ମୂଲ୍ୟାଙ୍କନ ପାଇଁ ଏକ ସ୍ମାର୍ଟ ପଦ୍ଧତି ଗ୍ରହଣ କରାଯାଇଛି ବୋଲି ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି ।ସ୍ୱଚ୍ଛ ଭାରତ ମିଶନ ଅଧୀନରେ ସର୍ବଭାରତୀୟ ସ୍ତରରେ ଗଞ୍ଜାମ ଜିଲ୍ଲାର ଆସକା ଏନ୍ଏସି ସ୍ୱଚ୍ଛ ସହର ରୂପେ ଶୀର୍ଷ ସ୍ଥାନ ହାସଲ କରିଛି ।

## ଦଳାଚକଟା–ସାକ୍ଷ୍ୟ

**ପୁରୀ** ଶ୍ରୀଗୁଣ୍ଡିଚା ମନ୍ଦିର ସମ୍ମୁଖରେ ଗତମାସ ୨୯ ତାରିଖରେ ଘଟିଥିବା ଦଳାଚକଟା ଘଟଣାର ତଦନ୍ତ ଜାରି ରହିଛି। ଉନ୍ନୟନ କମିଶନର ତଥା ଅତିରିକ୍ତ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ ଆଜି ମଧ୍ୟ ପୁରୀ ସର୍କିଟ

ହାଉସ୍‌ଠାରେ ବିଭିନ୍ନ ବର୍ଗର ଲୋକମାନଙ୍କଠାରୁ ସାକ୍ଷ୍ୟ ଗ୍ରହଣ କରୁଛନ୍ତି। ଅଘଟଣ ଦିନ ଦାୟିତ୍ୱରେ ଥିବା ପୁଲିସ୍ ପ୍ରଶାସନ ଓ ଶ୍ରୀମନ୍ଦିର ପ୍ରଶାସନର ଅଧିକାରୀମାନଙ୍କଠାରୁ ସାକ୍ଷ୍ୟ ଗ୍ରହଣ କରାଯାଉଥିବା ଆମ ସମ୍ବାଦଦାତା ଜଣାଇଛନ୍ତି। ଘଟଣାରେ ନିଲମ୍ବିତ ହୋଇଥିବା ଦୁଇଜଣ ପୁଲିସ୍ ଅଧିକାରୀ ମଧ୍ୟ ସାକ୍ଷ୍ୟ  ଏବଂ ଘଟଣା ସମ୍ପର୍କିତ ତଥ୍ୟ ପ୍ରଦାନ କରିଛନ୍ତି। ଶ୍ରୀମତୀ ଗର୍ଗପୁରୀ ସର୍କିଟ୍ ହାଉସ୍‌ରେ ଗତକାଲି ଘଟଣା ସମୟରେ କାର୍ଯ୍ୟରତ ଥିବା ୪୦ ଜଣ ଅଧିକାରୀଙ୍କର ସାକ୍ଷ୍ୟ ଗ୍ରହଣ କରିଥିଲେ। ପୂର୍ବରୁ ଏହି ଘଟଣାରେ ଭୁବନେଶ୍ୱରଠାରେ ୧୭ ଜଣ ସାକ୍ଷ୍ୟ ପ୍ରଦାନ କରିଥିଲେ ଏବଂ ପୁରୀଠାରେ ୪୮ ଜଣ ସାକ୍ଷ୍ୟ ପ୍ରଦାନ କରିଥିବା ଜଣାପଡିଛି।

## ବାଲେଶ୍ୱର ବନ୍ଦ

ଫକୀରମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟର ଛାତ୍ରୀ ମୃତ୍ୟୁ ଘଟଣାକୁ ନେଇ ବିଜୁ ଜନତା ଦଳ- ବିଜେଡି ପକ୍ଷରୁ ଆଜି ବାଲେଶ୍ୱର ବନ୍ଦ କରାଯାଇଥିଲା। ସକାଳ ୬ଟାରୁ ଦିନ ୨ଟା ପର୍ଯ୍ୟନ୍ତ ୮ ଘଣ୍ଟା ଧରି ହୋଇଥିବା ବନ୍ଦ ଯୋଗୁଁ ଦୋକାନ ବଜାର, ସରକାରୀ କାର୍ଯ୍ୟାଳୟ, ବେସରକାରୀ ସଂସ୍ଥା ଓ ଶିକ୍ଷାନୁଷ୍ଠାନ ବନ୍ଦ ରହିଥିବା ଦେଖିବାକୁ ମିଳିଥିଲା।

ଭୁବନେଶ୍ୱର ଲୋକସେବା ଭବନ ସମ୍ମୁଖରେ ଏହି ଘଟଣାକୁ ନେଇ ଦଳ ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା।

ଅନ୍ୟପକ୍ଷରେ, ଛାତ୍ରୀଙ୍କ ମୃତ୍ୟୁ ଘଟଣାର ତଦନ୍ତ ପାଇଁ ବିଶ୍ୱବିଦ୍ୟାଳୟ ଅନୁଦାନ ଆୟୋଗ-ୟୁଜିସି ପକ୍ଷରୁ କମିଟି ଗଠନ କରାଯାଇଛି। ପ୍ରଫେସର

ରାଜକୁମାର ମିତ୍ତଲଙ୍କ ଅଧ୍ୟକ୍ଷତାରେ ଗଠିତ କମିଟିରେ ଅନ୍ୟ ୩ ଜଣଙ୍କୁ ସାମିଲ କରାଯାଇଛି । କମିଟିର ସଦସ୍ୟମାନେ ଘଟଣାର ସମସ୍ତ ଦିଗକୁ ଅନୁଧ୍ୟାନ କରି ଆସନ୍ତା ୭ ଦିନ ମଧ୍ୟରେ ରିପୋର୍ଟ ଦେବାକୁ ୟୁଜିସି ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି ।

## ହାଇକୋର୍ଟ

ଓଡ଼ିଶା ହାଇକୋର୍ଟର ନୂତନ ବିଚାରପତି ଭାବେ ଆସନ୍ତା ସୋମବାର ଜଷ୍ଟିସ୍ ମାନସ ରଞ୍ଜନ ପାଠକ ଶପଥ ଗ୍ରହଣ କରିବେ। ପୂର୍ବାହ୍ଣ ୧୦ଟାରେ ହାଇକୋର୍ଟ ସମ୍ମିଳନୀ କକ୍ଷରେ ମୁଖ୍ୟ ବିଚାରପତି ଜଷ୍ଟିସ୍ ହରୀଶ ଟଣ୍ଡନ ତାଙ୍କୁ ଶପଥ ପାଠ କରାଇବାର କାର୍ଯ୍ୟକ୍ରମ ରହିଛି। ଜଷ୍ଟିସ୍ ପାଠକଙ୍କର ଗୌହାଟୀ ହାଇକୋର୍ଟରୁ ଓଡ଼ିଶା ହାଇକୋର୍ଟକୁ ବଦଳି ହୋଇଛି।

## ବୈଠକ

**ଗଞ୍ଜାମ** ଜିଲ୍ଲା ବ୍ରହ୍ମପୁରସ୍ଥିତ ଦକ୍ଷିଣାଂଚଳ ରାଜସ୍ୱ କମିଶନରଙ୍କ କାର୍ଯ୍ୟାଳୟରେ କମିଶନର ରୂପାରୋଶନ୍ ସାହୁଙ୍କ ଅଧ୍ଯକ୍ଷତାରେ ରୋଗୀ କଲ୍ୟାଣ ସମିତି ବୈଠକ ଚାଲିଛି। ବ୍ରହ୍ମପୁର ସାଂସଦ ପ୍ରଦୀପ କୁମାର ପାଣିଗ୍ରାହୀ, ବିଧାୟକ କେ.ଅନୀଲ କୁମାର ଏବଂ ବ୍ରହ୍ମପୁର ମେୟର ସଂଘମିତ୍ରା ଦଳେଇଙ୍କ ସମେତ ଜିଲ୍ଲାପାଳ ଦିବ୍ୟଜ୍ୟୋତି ପରିଡା, ଜିଲ୍ଲା ଆରକ୍ଷୀ ଅଧିକ୍ଷକ ପି.ଶ୍ରବଣ ବିବେକ ଏବଂ ବ୍ରହ୍ମପୁର ମେଡିକାଲ କଲେଜ୍ର ବରିଷ୍ଠ କର୍ତ୍ତୃପକ୍ଷ ଏଥିରେ ଯୋଗ ଦେଇଛନ୍ତି। ଜିଲ୍ଲାରେ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ପକ୍ଷରୁ  ସ୍ୱାସ୍ଥ୍ୟ ସମ୍ପର୍କିତ ବିଭିନ୍ନ ଯୋଜନା ଏବଂ ସେଗୁଡ଼ିକର କାର୍ଯ୍ୟକାରିତା ନେଇ ବୈଠକରେ ଆଲୋଚନା ହୋଇଥିବା ଜଣାପଡିଛି।

## ବାଲୁକା କଳା

ପ୍ରଥମକରି ଇଗ୍ନୋ ପାଠ୍ୟକ୍ରମରେ ବାଲୁକା କଳାକୁ ସ୍ଥାନ ଦିଆଯାଇଛି । ଦେଶରେ ଯୁବପିଢ଼ିଙ୍କ ମଧ୍ୟରେ ବାଲୁକା କଳାର ଚାହିଦା ଏବଂ ଭାରତୀୟ ସଂସ୍କୃତି ଓ କଳାକୁ ବିଶ୍ୱବ୍ୟାପୀ କରାଇବା ଲକ୍ଷ୍ୟରେ ଇଗ୍ନୋ ଏହି ପାଠ୍ୟକ୍ରମକୁ ସ୍ଥାନିତ କରିଥିବା ଜଣାପଡ଼ିଛି । ଅନ୍‌ଲାଇନ୍ ମାଧ୍ୟମରେ ଏହି ପାଠ୍ୟକ୍ରମ ଶିକ୍ଷା ଦିଆଯିବା ସହିତ ବିଭିନ୍ନ ଡେମନ୍‌ଷ୍ଟ୍ରେସନ୍ ପ୍ରଦାନ କରାଯିବ । ଇଗ୍ନୋର ଏହି ପଦକ୍ଷେପକୁ ବାଲୁକା ଶିଳ୍ପୀ ସୁଦର୍ଶନ ପଟ୍ଟନାୟକ ସ୍ୱାଗତ କରିଛନ୍ତି ।

## ବନକଲାଗି ନୀତି

ଶ୍ରାବଣ କୃଷ୍ଣ ସପ୍ତମୀ ତିଥିରେ ଆସନ୍ତାକାଲି ଗୁରୁବାର ଦିନ ପୁରୀ ଶ୍ରୀମନ୍ଦିରର ଶ୍ରୀବିଗ୍ରହମାନଙ୍କର ବନକଲାଗି ନୀତି ଅନୁଷ୍ଠିତ ହେବ। ଦ୍ୱିତୀୟ ଭୋଗମଣ୍ଡପ ନୀତି ଶେଷ ହେବା ପରେ ସନ୍ଧ୍ୟା ସାଢ଼େ ୬ଟାରୁ ରାତି ୧୧ଟା ପର୍ଯ୍ୟନ୍ତ ସର୍ବସାଧାରଣ ଦର୍ଶନ ବନ୍ଦ ରହିବ ବୋଲି ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ କୁହାଯାଇଛି। ଦ୍ୱିପହର ଧୂପ ସରିବା ପରେ ଦତ୍ତମହାପାତ୍ର ସେବକମାନେ ମହାପ୍ରଭୁଙ୍କ ଶ୍ରୀମୁଖ ଶୃଙ୍ଗାର କରିବେ। ମହାପ୍ରଭୁଙ୍କର ବନକଲାଗି ନୀତି ଏକ ଅତ୍ୟନ୍ତ ଗୁପ୍ତ ନୀତି ହୋଇଥିବାରୁ ଚତୁର୍ଦ୍ଧାମୂର୍ତ୍ତିଙ୍କ ସର୍ବସାଧାରଣ ଦର୍ଶନ ବନ୍ଦ ରହିଥାଏ।

## ଜିଲ୍ଲା ପରିଷଦ ବୈଠକ

**ରାୟଗଡ଼ା** ଜିଲ୍ଲା ପରିଷଦ ବୈଠକ ଗୃହରେ ଗୁଣୁପୁର ଓ ରାୟଗଡ଼ା ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା-ଆଇ.ଟି.ଡି.ଏ. ପକ୍ଷରୁ ବୈଠକ ଅନୁଷ୍ଠିତ ହୋଇଯାଇଛି। ଆଇ.ଟି.ଡି.ଏ.'ର ଅଧ୍ୟକ୍ଷ ତଥା ଜିଲ୍ଲାପାଳ ପାରୁଲ ପଟଓ୍ୱାରୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ରାୟଗଡ଼ା ବିଧାୟକ ଆପୁଲ ସ୍ୱାମୀ କାଡ୍ରାକା, ବିଷମ କଟକ ବିଧାୟକ ନୀଳମାଧବ ହିକ୍କା, ଗୁଣୁପୁର ବିଧାୟକ ସତ୍ୟଜିତ୍ ଗମାଙ୍ଗ ଏବଂ ଆଇ.ଟିଡି.ଏର ବରିଷ୍ଠ ଅଧିକାରୀ ଏବଂ ବ୍ଲକ୍ ଅଧ୍ୟକ୍ଷମାନେ ବୈଠକରେ ଯୋଗ ଦେଇଥିଲେ। ଦୁଇ ଜିଲ୍ଲାର ଆଦିବାସୀ ବହୁଳ ଅଂଚଳଗୁଡ଼ିକରେ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ପକ୍ଷରୁ ନିଆଯାଉଥିବା ବିଭିନ୍ନ ଉନ୍ନୟନମୂଳକ ଯୋଜନାଗୁଡ଼ିକର ରୂପରେଖ ପ୍ରସ୍ତୁତ କରିବା ପାଇଁ ବୈଠକରେ ଆଲୋଚନା ହୋଇଥିବା ଆମ ସମ୍ବାଦଦାତା ଜଣାଇଛନ୍ତି।

## ତାଳତେଲ ଚାଷ

**ଢେଙ୍କାନାଳ** ଜିଲ୍ଲାର ୮ଟି ବ୍ଲକର ୩୦ରୁ ଊର୍ଦ୍ଧ୍ୱ ତାଳତେଲ ଚାଷୀଙ୍କୁ ଉଦ୍ୟାନ କୃଷି ବିଭାଗ ପକ୍ଷରୁ ସେମାନଙ୍କର ଏହି ଚାଷ ସମ୍ପର୍କିତ ଅଧିକ ତଥ୍ୟ ଜାଣିବା ପାଇଁ ନୟାଗଡ଼ ପଠାଯାଇଛି। ନୟାଗଡ଼ ଜିଲ୍ଲାରେ ତାଳତେଲ ଚାଷ କରୁଥିବା କୃଷକମାନଙ୍କ ସହିତ ଆଲୋଚନା କରି ଏହି ବୃକ୍ଷଗୁଡ଼ିକରୁ କିପରି ଅଧିକ ତେଲ ଉତ୍ପାଦନ, ରକ୍ଷଣାବେକ୍ଷଣ, ତାଳତେଲ ଚାଷରୁ କିପରି ଅଧିକ ଆର୍ଥିକ କ୍ଷେତ୍ରରେ ସ୍ୱାବଲମ୍ବୀ ହୋଇପାରିବେ ସେ ସମ୍ପର୍କରେ ଅଧିକ ତଥ୍ୟ ଆହରଣ ପାଇଁ ଚାଷୀମାନେ ନୟାଗଡ଼ ଯାଇଛନ୍ତି। ଜିଲ୍ଲା ଉଦ୍ୟାନ କୃଷି ବିଭାଗର ସୂଚନା ଅନୁସାରେ, ଢେଙ୍କାନାଳ ଜିଲ୍ଲାରେ

ବର୍ତ୍ତମାନ ୧୦୦ ଏକର ଜମିରେ ତାଳତେଲ ଚାଷ କରାଯାଉଛି । ଜିଲ୍ଲା ପ୍ରଶାସନ ପକ୍ଷରୁ ୨୦୦ ହେକ୍ଟର ଜମିରେ ତାଳତେଲ ଚାଷ କରାଯିବା ନେଇ ଲକ୍ଷ୍ୟ ରହିଛି ବୋଲି ଆମ ସମ୍ବାଦଦାତା ଜଣାଇଛନ୍ତି ।

## ତାଲିମ୍ ଶିବିର

**ଭଦ୍ରକ** ଜିଲ୍ଲା ରେଡକ୍ରସ୍ ଓ ଶିକ୍ଷା ବିଭାଗ ପକ୍ଷରୁ ଭଣ୍ଡାରିପୋଖରୀ ବ୍ଲକ୍ ମହୁରା ଉନ୍ନୀତ ଉଚ୍ଚବିଦ୍ୟାଳୟରେ ଜୁନିୟର ରେଡକ୍ରସ୍ ତାଲିମ୍ ଶିବିର ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲା ଶିକ୍ଷାଅଧିକାରୀ, ସାଧନ କର୍ମୀ, ରେଡକ୍ରସ୍ ଅଧିକାରୀ ପ୍ରମୁଖ ଯୋଗଦେଇ ଫାଷ୍ଟ୍ ଏଡ୍, ନିଆଁରେ ପୋଡିଯିବା, ରକ୍ତସ୍ରାବ, ସାପକାମୁଡା, ବିଦ୍ୟୁତ୍ ଆଘାତ, ଅଂଶୁଘାତ, ବାତରୋଗ, ମୂର୍ଚ୍ଛାରୋଗ, ଆଶୁ ଚିକିତ୍ସା କୌଶଳ ଶିକ୍ଷା ଆଦିର ବ୍ୟବହାର ସମ୍ପର୍କରେ ରେଡକ୍ରସ୍ ପ୍ରଶିକ୍ଷାର୍ଥୀଙ୍କୁ ତାଲିମ୍ ପ୍ରଦାନ କରାଯାଇଛି ।

## ସଚେତନତା ଶିବିର

**ନୂଆପଡା** ଜିଲ୍ଲା ଖଡିଆଳ ଡିଗ୍ରୀ ମହିଳା କଲେଜ୍ ଜାତୀୟ ସେବା ଯୋଜନା ମହିଳା ୟୁନିଟ୍ ପକ୍ଷରୁ 'ଯୌନ ନିର୍ଯାତନା ଏକ ଅବାଞ୍ଛିତ ବ୍ୟବହାର' ଶୀର୍ଷକରେ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି । ଏଥିରେ ସେବା ଯୋଜନା ଅଧିକାରୀ ପୁଷ୍ପାଞ୍ଜଳି ପଧାନୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଶିକ୍ଷାନୁଷ୍ଠାନରେ ଛାତ୍ରୀଙ୍କ ପ୍ରତି ହେଉଥିବା ଯୌନ ନିର୍ଯାତନା ପ୍ରତିରୋଧ କରିବା ନେଇ ଗୁରୁତ୍ୱାରୋପ କରାଯାଇଛି । କାର୍ଯ୍ୟକ୍ରମରେ କଲେଜ ଛାତ୍ରୀମାନେ ଯୋଗଦେଇ ନିଜକୁ ସୁରକ୍ଷିତ ରଖିବା ଲାଗି ଏକତ୍ର ହେବା ପାଇଁ ସଂକଳ୍ପ ନେଇଛନ୍ତି ।

## ବିଶ୍ୱ ସର୍ପ ଦିବସ

ବିଶ୍ୱ ସର୍ପ ଦିବସ ଆଜି ପାଳନ କରାଯାଉଛି। ଚଳିତବର୍ଷ ଏହି ଦିବସର ବାର୍ତ୍ତା ରହିଛି "ସମ୍ମାନ କର, ଭୟ କର ନାହିଁ: ପ୍ରକୃତିର ନୀରବ ମୁରବୀଙ୍କୁ ସୁରକ୍ଷା ଦିଅ''। ପରିବେଶ ସନ୍ତୁଳନ ରକ୍ଷା ଦିଗରେ ସର୍ପମାନଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ ରହିଛି। ସାପ ବିଷରୁ ଅନେକ ପ୍ରକାର ଔଷଧ ତିଆରି ହେଉଛି। ତେଣୁ ସାପ ବଂଶ ରକ୍ଷା କରିବା ନିତାନ୍ତ ଆବଶ୍ୟକ। ତେବେ ଲୋକଙ୍କ ମନରେ ସାପ କାମୁଡାକୁ ନେଇ ଅନ୍ଧବିଶ୍ୱାସ ଥିବାରୁ ସାପ କାମୁଡିଲେ ଆକ୍ରାନ୍ତଙ୍କୁ ଡାକ୍ତରଖାନା ନ ନେଇ ଝଡାଫୁଙ୍କା କରାଯାଉଛି। ଏ ନେଇ ଲୋକଙ୍କ ମାନସିକତାରେ ପରିବର୍ତ୍ତନ ନିତାନ୍ତ ଜରୁରୀ। ଏଥିସହିତ ସାପ ବଂଶ ରକ୍ଷା ଏବଂ ଏ ଦିଗରେ ସଚେତନତା ସୃଷ୍ଟି କରିବା ନେଇ ଆଜି ବିଭିନ୍ନ ସ୍ଥାନରେ ସରକାରୀ ଓ ବେସରକାରୀ ସ୍ତରରେ କାର୍ଯ୍ୟକ୍ରମମାନ ଆୟୋଜନ କରାଯାଉଛି।

## ସାହାଣୀ କପ୍

ରାଜ୍ୟ କ୍ରୀଡା ଏବଂ ଯୁବସେବା, ଓଡ଼ିଶା ଫୁଟବଲ୍ ସଂଘ ଏବଂ କେନ୍ଦ୍ରାପଡା ଜିଲ୍ଲା ଆଥ୍‌ଲେଟିକ୍ ସଂଘର ମିଳିତ ଆନୁକୂଲ୍ୟରେ **କେନ୍ଦ୍ରାପଡା** ଜିଲ୍ଲା ରାଜକନିକାଠାରେ ଆଜିଠାରୁ ରାଜ୍ୟସ୍ତରୀୟ ସାହାଣୀକପ୍ ଅନୁଷ୍ଠିତ ହେଉଛି। ଆସନ୍ତା ୨୩ ତାରିଖ ପର୍ଯ୍ୟନ୍ତ ଚାଲିବାକୁ ଥିବା ଏହି ବରିଷ୍ଠ ବର୍ଗର ଫୁଟ୍‌ବଲ୍ ଟୁର୍ଣ୍ଣାମେଣ୍ଟରେ ୮ଟି ଦଳ ଅଂଶଗ୍ରହଣ କରୁଛନ୍ତି। ପ୍ରତ୍ୟେକ ଦିନ ସକାଳ ୮ଟା ଏବଂ ଅପରାହ୍ନ ସାଢ଼େ ୩ଟାରେ ମ୍ୟାଚଗୁଡ଼ିକ ଖେଳାଯିବ।

# ପାଣିପାଗ

ଉତ୍ତର-ପଶ୍ଚିମ ବଙ୍ଗୋପସାଗର, ପଶ୍ଚିମବଙ୍ଗ ଏବଂ ଓଡ଼ିଶା ସଂଲଗ୍ନ ଉପକୂଳ ଅଂଚଳରେ ସୃଷ୍ଟ ଅବପାତ ଦୁର୍ବଳ ହୋଇ ଲଘୁଚାପରେ ପରିଣତ ହୋଇଛି। ଏହାର ପ୍ରଭାବରେ ରାଜ୍ୟର ବିଭିନ୍ନ ସ୍ଥାନରେ ମଧ୍ୟମରୁ ପ୍ରବଳ ବର୍ଷା ଲାଗି ରହିଛି। ପାଣିପାଗ ବିଭାଗର ସୂଚନା ଅନୁସାରେ, ଜଗତ୍‌ସିଂହପୁର, ଝାରସୁଗୁଡା, ବରଗଡ଼ ଓ ଭବାନୀପାଟଣା ଅଂଚଳରେ ପ୍ରବଳ ବର୍ଷା ହୋଇଯାଇଛି। ସମ୍ବଲପୁର, ଝାରସୁଗୁଡ଼ା, ସୁନ୍ଦରଗଡ଼, କେନ୍ଦୁଝର ଓ ମୟୂରଭଞ୍ଜ ଜିଲ୍ଲାରେ ଆଜି ପ୍ରବଳ ବର୍ଷାର ସମ୍ଭାବନା ଥିବା ନେଇ ପାଣିପାଗ କେନ୍ଦ୍ର ପକ୍ଷରୁ ସତର୍କ ସୂଚନା ଜାରି କରାଯାଇଛି। ଆସନ୍ତା ଶନିବାର ପର୍ଯ୍ୟନ୍ତ ରାଜ୍ୟରେ ବର୍ଷାର ପ୍ରଭାବ ଲାଗି ରହିବ ଏବଂ ରବିବାରଠାରୁ ବର୍ଷାର ପରିମାଣ ହ୍ରାସ ପାଇବ ବୋଲି ପାଣିପାଗ ବିଭାଗ ପକ୍ଷରୁ ସୂଚନା ମିଳିଛି। ଗତ ୨୪ ଘଣ୍ଟା ମଧ୍ୟରେ କେନ୍ଦୁଝର ଜିଲ୍ଲାର ତେଲକୋଇଠାରେ ସର୍ବାଧିକ ୧୨୪ ଦଶମିକ ୬ ମିଲିମିଟର ବର୍ଷା ରେକର୍ଡ କରାଯାଇଛି।